# Akashvani, Sambalpur

## SAMBALPURI NEWS BULLETIN

### 30 May 2024- 6.47- 6.52 am.

*******************************************

୭ ନମ୍ବର୍ ଖେପ୍ ଲୋକ୍‌ସଭା ନିର୍ବାଚନ୍   ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଶେଷ୍ ଖେପ୍ ନିର୍ବାଚନ୍‌ଥି ୬ ଟା ଲୋକ୍‌ସଭା ଆର୍ ୪୨ ଟା ବିଧାନ୍‌ସଭା ଆସନ୍ ଲାଗି ଆଏବା ୧ ତାରିଖ୍ ଶନିବାର୍ ଦିନ ଭୋଟ୍ ହେବା । ଇଥିର୍‌ଲାଗି ଆଏଜ୍ ଉପର୍‌ବେଲା ନିର୍ବାଚନୀ ପ୍ରଚାର୍  ଶେଷ୍ ହେଉଛେ । ପ୍ରଚାର୍‌ର ଶେଷ୍ ଦିନେ ସବୁ ଦଲ୍ ମାରାଥନ୍ ପ୍ରଚାର୍ କର୍‌ବାର୍‌କେ ଯୋଜ୍‌ନା କରିଛନ୍ । ଆଏଜ୍ କଂଗ୍ରେସ୍ ନେତା ରାହୁଲ୍ ଗାନ୍ଧୀ ଓଡ଼ିଶା ଆସିକରି ଭଦ୍ରକ୍‌ର ସାନମଇତାପୁର୍ ନ ଗୁଟେ ନିର୍ବାଚନୀ ସଭାଥି ଯୋଗ୍ ଦେଇକରି ଦଲୀୟ ପ୍ରାର୍ଥୀଙ୍କର୍ ଲାଗି ପ୍ରଚାର୍ କର୍‌ବେ । ସେନ୍ତା ବିଜେଡ଼ିର ସଭାପତି ଆଉ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଆଏଜ୍ ଭଦ୍ରକ୍‌ର ଚାନ୍ଦ୍‌ବାଲି ନ ଗୁଟେ ସଭାଥି ଯୋଗ୍ ଦେଇକରି ଭୋଟ୍ ପ୍ରଚାର୍ କର୍‌ବେ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଭିଲ୍ ଭିନ୍ ଭିନ୍ ଜାଗା ନ ପ୍ରଚାର୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଇ ଖେପେ ମୟୁର୍‌ଭଞ୍ଜ, ବାଲେଶ୍ୱର୍, ଭଦ୍ରକ୍, ଯାଜ୍‌ପୁର୍, କେନ୍ଦ୍ରାପଡ଼ା ଆର୍ ଜଗତ୍‌ସିଂହପୁର୍ ଲୋକ୍‌ସଭା ଆସନ୍ ଆର୍ ତାର୍ ଅଧୀନ୍‌ଥି ଥିବା ୪୨ ଟା ବିଧାନ୍‌ସଭା ଆସନ୍ ଲାଗି ଭୋଟ୍ ନିଆଯିବା । ୬ ଟା ଲୋକ୍‌ସଭା ଆସନ୍ ଲାଗି ୬୬ ଝନ୍ ପ୍ରାର୍ଥୀ ନିର୍ବାଚନ୍ ଲଢୁଥିବାର୍ ନେଇ ନିର୍ବାଚନ୍ ଆୟୋଗଙ୍କର୍ ତର୍‌ଫୁ ସୂଚ୍‌ନା ମିଲିଛେ । ଇନ ଜନେଇ ଦିଆଯାଇପାରେ ଯେ, ରାଏଜେ ୩ ନମ୍ବର୍ ଖେପ୍ ନିର୍ବାଚନ୍ ସର୍‌ବାର୍ ଉତ୍‌ରୁ ଶହେ ୫ ଟା ବିଧାନ୍‌ସଭା ଆସନ୍ ଆର୍ ୧୫ ଟା ଲୋକ୍‌ସଭା ଆସନ୍ ଲାଗି ଭୋଟ୍ ସରିଛେ ।

ବୁଥ୍- ଇଲେକ୍ଟ୍ରୋନିକ୍ସ ଜିନିଷ କଟ୍‌କନା ଆର୍‌ଏନ୍‌ୟୁ /ସମ୍ବଲପୁର

ବୁଥ୍ ଭିତର୍‌କେ ଇଲେକ୍ଟ୍ରୋନିକ୍ସ ଜିନିଷ୍ ନେବାର୍ ଉପ୍‌ରେ ମୁଖ୍ୟ ନିର୍ବାଚନ୍ ଅଧିକାରୀ କଟ୍‌କନା ଜାରି କରିଛନ୍ । ଭୋଟର୍‌ମାନେ ମୋବାଇଲ୍, ସ୍ମାର୍ଟ ୱାଚ୍, କି କେମ୍‌ରା ବୁଥ୍‌କେ ନାଇଁ ନେଇପାରନ୍ । ଖାଲି ଦର୍‌କାର୍ ପଡ୍‌ଲେ ମତଦାନ୍ ବାବ୍‌ଦେ ଅପ୍‌ଡେଟ୍ ଲାଗି ପ୍ରିଜାଇଡିଂ ଅଫିସର୍ ବୁଥ୍ କେ ମୋବାଇଲ୍ ନେଇପାର୍‌ବେ । ଇ ବାବ୍‌ଦେ ସିଇଓ ଅଫିସ୍ ତର୍‌ଫୁ ସାମାଜିକ୍ ଗଣମାଧ୍ୟମ୍‌ଥି ସୂଚ୍‌ନା ଦିଆଯାଇଛେ ।

ଭଉଁରୀ ଯାତ୍ରା- ଦୁର୍ଘଟଣା ଆର୍‌ଏନ୍‌ୟୁ /ସମ୍ବଲପୁର

ପୁରୀ ନ ଗଲାକାଏଲ୍ ପବିତ୍ର ଭଉଁରୀ ଅବ୍‌ସରେ ନରେନ୍ଦ୍ର ପୁଷ୍କିରିଣୀ ନ ମହାପ୍ରଭୁଙ୍କର୍ ଚାପ ଖେଲ୍ ହେଉଥିବାର୍ ବେଲେ ଫଟ୍‌କା ଫୁଟିକରି ୩୦ ନୁ ଅଏତ୍‌କା ଝନ୍ ଆହତ୍ ହେଇଛନ୍। ସେମାନ୍‌କର୍ ଭିତ୍‌ରୁ ଗୁରୁତର୍ ୧୮ ଝନ୍‌କୁ କଟକ୍ ବଡ଼ ମେଡ଼ିକାଲ୍‌କେ ସ୍ଥାନାନ୍ତର୍ କରାଯାଇଛେ। ଗୁରୁତର୍‌ମାନ୍‌କର୍ ଭିତ୍‌ରୁ ବଡ଼ଭାଗୀ ଲୁକର୍ ଶରୀର୍ ୭୦ ନୁ ୮୦ ପ୍ରତିଶତ୍ ପୁଡ଼ି ଯାଇଥିବାର୍ କୁହାଯାଇଛେ। ଗୁରୁତର୍ ଆହତ୍‌ମାନ୍‌କର୍ ଭିତ୍‌ରେ କେତେଝନ୍ ଛୋଟ୍ ଛୁଆ ଥିବାର୍ ଭିଲ୍ ଜନାପଡ଼ିଛେ। ଗଲାକାଏଲ୍ ରାତି ପାଖାପାଖି ସାଢ଼େ ୧୦ ବଜେ ଚାପଖେଳ ଚାଲୁଥିବାର୍ ବେଲେ ଇ ଅଘଟନ୍ ଘଟିଥିଲା। ନରେନ୍ଦ୍ର ପୁଷ୍କିରିଣୀର ଚାର୍‌ହିଆଢ଼େ ହଜାର୍ ହଜାର୍ ଶ୍ରଦ୍ଧାଲୁ ବସିକରି ମାହାପୁରୁଙ୍କର୍ ଚାପଖେଳ ଦେଖୁଥିବାର୍ ବେଲେ ଦେବୀ ଘାଟ ଆଢ଼େ ହଠାତ୍ ଫୁଟ୍‌କା ଫୁଟିଥିଲା। ଏତେ ସଂଖ୍ୟାଥି ଫୁଟ୍‌କା ଗୁଟେ ଜାଗା ନ ଫୁଟିଥିଲା ଯେ, ନିଆଁ ପିଣ୍ଡୁଲା ବାଗିର୍ ଝୁଲ ବହୁତ୍ ଉଚାକେ ଉଠିଥିଲା ଆର୍ ଭକ୍ତମାନେ ଇଥି ପୁଡ଼ି ଯାଇଥିଲେ। ସାଙ୍ଗେ ସାଙ୍ଗେ ଆହତ୍‌ମାନ୍‌କୁ ଆମ୍ବୁଲେନ୍ସଥି ଜିଲ୍ଲା ସଦର୍ ମୁଖ୍ୟ ଚିକିତ୍ସାଲୟକେ ନିଆଯାଇଥିଲା। ହେଲେ ସେନେ କେତେଝନ୍‌କର୍ ଅବସ୍ଥା ଗୁରୁତର୍ ହେବାର୍‌ନୁ ସେମାନ୍‌କୁ

ସାଙ୍ଗେସାଙ୍ଗ୍ କଟକ୍ ମେଡ଼ିକାଲ୍‌କେ ସ୍ଥାନାନ୍ତରିତ୍ କରାଯାଇଥିଲା ।

ପୁରୀ ଜିଲ୍ଲାପାଲ୍ ଆର୍ ଏସ୍.ପି. ଡାକ୍ତର୍‌ଖାନା ନ ପୁହୁଁଚିକରି ଆହତ୍‌ମାନ୍‌କର୍ ଚିକିତ୍ସା ବ୍ୟବସ୍ଥା କରିଥିଲେ ।

ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଇ ଘଟ୍‌ନାଥି ଦୁଃଖ ପ୍ରକାଶ୍ କରିକରି ଆଶୁଆରୋଗ୍ୟ କାମନା କରିଛନ୍ । ଆହତ୍‌ମାନ୍‌କର୍ ଚିକିତ୍ସା ସୁନିଶ୍ଚିତ କର୍‌ବାର୍ ସହେତେ ବ୍ୟବସ୍ଥାର୍ ତଦାରଖ୍ ଲାଗି ମୁଖ୍ୟ ଶାସନ୍ ସଚିବ ଆଉ ଜିଲ୍ଲା ପ୍ରଶାସନ୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିନୁ ଆହତ୍‌ମାନ୍‌କର୍ ସବୁ ଚିକିତ୍ସା ଖର୍ଚ୍ଚା କର୍‌ବାର୍‌କେ କୁହାଯାଇଛେ ।

ସେଆଡ଼େ ମୁଖ୍ୟ ଶାସନ୍ ସଚିବ ପ୍ରଦୀପ୍ ଜେନା କଟକ୍‌ର ଏସ୍‌ସିବି ମେଡ଼ିକାଲ୍ କଲେଜ୍‌କେ ପହଁଚିକରି କହିଛନ୍ ଯେ, ଘଟ୍‌ନାଜାଗାନୁ ୩୧ ଝନ୍ ଆହତ୍ ଲୁକ୍‌କୁ ଉଦ୍ଧାର୍ କରାଯାଇଛେ । ସେମାନ୍‌କର୍ ଭିତ୍‌ରୁ ଭୁବ୍‌ନେଶ୍ୱର୍‌ର ଭିନ୍ ଭିନ୍ ଘରୋଇ ହାସ୍‌ପାତାଲ୍ ଆଉ କଟକ୍ ମେଡ଼ିକାଲ୍‌କେ ଅନାଯାଇକରି ଚିକିତ୍ସା କରାଯାଇଛେ । ଆହତ୍‌ମାନ୍‌କୁ ପହେଲା ପ୍ରାଥମିକ ଚିକିତ୍ସା କରାଯିବାର୍ ଉତ୍‌ରୁ ପଛେ ଘଟ୍‌ନାର୍ ତଦନ୍ତ୍ କରାଯିବା ବଲି ଶ୍ରୀ ଜେନା କହିଛନ୍ ।

ଯୁକ୍ତ ୩ ନାଁଲେଖା ଆର୍‌ଏନ୍‌ୟୁ / ସମ୍ବଲପୁର

୨୦୨୪ -୨୫ ଶିକ୍ଷା ବଛର୍‌ର ଯୁକ୍ତ ୩ ଥି ଆଏବା ମାସର୍ ୩ ତାରିଖ୍‌ନୁ ନାଁଲେଖା ଲାଗି ଆବେଦନ୍ ମୁଲ୍ ହେବା । ଜୁନ୍ ୧୭ ତାରିଖ୍‌ତକ୍ ଛାତ୍ରଛାତ୍ରୀମାନେ ଇଥିର୍‌ଲାଗି ଆବେଦନ୍ କରିପାର୍‌ବେ । ଜୁନ୍ ୨୫ ତାରିଖ୍ ଦିନ ପହେଲା ସିଟ୍ ଏଲଟ୍‌ମେଂଟ୍ ହେବା ଆର୍ ୨୬ ନୁ ୨୯ ତାରିଖ୍ ଭିତ୍‌ରେ ପହେଲା ଖେପେ୍ ନାଁଲେଖା ହେବା ।  ଇ ବାବ୍‌ଦେ ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ଜାରି କରାଯାଇଛେ । ସବୁ ସର୍‌କାରୀ, ବେସର୍‌କାରୀ, ଅନୁଦାନ୍‌ପ୍ରାପ୍ତ କଲେଜ, ଅଣ ଅନୁଦାନ୍ ପ୍ରାପ୍ତ ଡିଗ୍ରୀ କଲେଜ୍, ସଂସ୍କୃତ କଲେଜ୍ ସହେତେ ସ୍ନାତକ ପାଠ୍ୟକ୍ରମ୍ ଥିବା ମହାବିଦ୍ୟାଳୟ ନ ଛାତ୍ରଛାତ୍ରୀମାନେ ନାଁଲେଖାବାର୍ ଲାଗି ଛାତ୍ରଛାତ୍ରୀମାନେ ସାମ୍ସ ୱେବ୍‌ସାଇଟ୍‌ଥି ଆବେଦନ୍ କରିପାର୍‌ବେ ।

ଡିଜିଟାଇଜ୍‌ଡ୍ ସାର୍ଟିଫିକେଟ          ଆର୍‌ଏନ୍‌ୟୁ / ସମ୍ବଲପୁର

ଇ ବଛର୍ ମେଟ୍ରିକ୍ ପାସ୍ କରିଥିବା ଛାତ୍ରଛାତ୍ରୀମାନ୍‌କର୍ ଲାଗି ମାଧ୍ୟମିକ ଶିକ୍ଷା ପରିଷଦ୍ ବୋର୍ଡ଼ ୱେବ୍‌ସାଇଟ୍‌ଥି ଡିଜିଟାଇଜ୍‌ଡ୍ ସାର୍ଟିଫିକେଟ୍ ମିଳୁଛେ । ପରୀକ୍ଷାଫଳ ବାହାର୍‌ବାର୍ ୭ ଦିନ୍ ଭିତ୍‌ରେ ଛାତ୍ରଛାତ୍ରୀମାନେ ବୋର୍ଡ଼ ୱେବ୍‌ସାଇଟ୍ ଆର୍ ୱାଟ୍‌ସ୍‌ଆପ୍ ଜରିଏ ଇ ସାର୍ଟିଫିକେଟ୍ ମାହାଲିଆ ଡାଉନ୍‌ଲୋଡ୍

କରିପାର୍‌ବେ । ଇ ବାବ୍‌ଦେ କେନ୍‌ସି ଅସୁବିଧା ହେଲେ ବୋର୍ଡ୍ ତରଫୁଁ ସମାଧାନ୍ ଲାଗି ଗୁଟେ ହେଲ୍ପ ଲାଇନ୍ ନମ୍ବର୍ ୦୬୬୧-୨୪୧୨-୦୫୯ ଜାରି କରାଯାଇଛେ ।

ଗ୍ରାମ୍‌ସେବକ୍ ପେନ୍‌ସନ୍- ହାଇକୋର୍ଟ     ଆର୍‌ଏନ୍‌ୟୁ /ସମ୍ବଲପୁର

ପଂଚାୟତ୍ ସମ୍ପାଦକନୁ ଗ୍ରାମ୍‌ସେବକ୍ ପଦ୍‌ବୀକେ ପଦୋନ୍ନତି ପାଇଥିବା ଆବେଦନ୍‌କାରୀମାନ୍‌କୁ ସର୍ବନିମ୍ନ ପେନ୍‌ସନ୍ ଦେବାର୍‌କେ ହାଇକୋର୍ଟ ନିର୍ଦ୍ଦେଶ୍ ଦେଇଛନ୍ । ପେନ୍‌ସନ୍ ଲାଗି ଭିଏଲ୍‌ଡବ୍ଲୁ ଚାକିରୀ ସମିଆ ଯଥେଷ୍ଟ ନାଇଁ ହେଉଥିବାର୍‌ନୁ ପଂଚାୟତ୍ ସମ୍ପାଦକ୍ ଚାକିରୀ ସମିଆ ହିସାବ୍‌କେ ନେଇକରି ପେନ୍‌ସନ୍ ଦିଆଯିବା । କୋର୍ଟର ଆଦେଶ୍‌ର ୨ ମାସ୍ ଭିତ୍‌ରେ ସବୁ ପ୍ରକ୍ରିୟା ଶେଷ୍ ହେବା । ରାଜ୍ୟ ସର୍‌କାର୍ ଦେଇଥିବା ଆଦେଶ୍‌କେ ଖାରଜ୍ କରିକରି ବିଚାର୍‌ପତି ଆଦିତ୍ୟ କୁମାର୍ ମହାପାତ୍ର ଇ ନିର୍ଦ୍ଦେଶ୍ ଦେଇଛନ୍ ।

ପାଣିପାଗ          ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଆଉ ୨ ଦିନ୍ ଗ୍ରୀଷ୍ମପ୍ରବାହ ଜାରି ରହେବା ବଲି ଆଂଚଳିକ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ସତର୍କ କରେଇଛେ । ଆଏଜ୍

ଝାର୍‌ସୁଗୁଡ଼ା, ସମ୍ବଲ୍‌ପୁର୍, ସୁବର୍ଣ୍ଣପୁର୍, ବୌଦ୍ଧ, କନ୍ଧମାଲ୍ ଆର୍ ବଲାଙ୍ଗିର୍ ନ ଜବର୍ ଖରା ହେବା । ସେନ୍ତା ସୁନ୍ଦର୍‌ଗଡ଼୍, ଦେବ୍‌ଗଡ଼୍, ବର୍‌ଗଡ଼୍, ନୂଆପଡ଼ା ଆର୍ କଲାହାଣ୍ଡି ଜିଲ୍ଲା ନ ଭିଲ୍ ଗ୍ରୀଷ୍ମପ୍ରବାହ ହେବା । ଉପକୂଲ୍ ଓଡ଼ିଶା ନ ଗ୍ରୀଷ୍ମପ୍ରବାହ ଥିତି ନାଇଁ ରହେଲେ ଭିଲ୍ ବହୁତ୍‌ଟେ ଗୁଲ୍‌ଗୁଲି ହେବା । ଆଏବା କାଏଲ୍ ଭିଲ୍ ଇ ଜିଲ୍ଲାମାନ୍‌କର୍ ସହେତେ ରାଜ୍ୟର୍ ଆଉ କେତେଟା ଜାଗା ନ ଗ୍ରୀଷ୍ମପ୍ରବାହ ଜାରି ରହେବା । ହେଲେ ଉପର୍‌ବେଲା ରାଜ୍ୟର୍ କେତେଟା ଭିତ୍‌ରିଆ ଜାଗା ନ କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ବର୍ଷା ହେବା ବଲି ପାଣିପାଗ୍ ବିଭାଗ୍ କହିଛେ ।